# Govt. Autonomous College,Rourkela

## P.G. Department of Odia

## +3 2nd year 3rd Semistar

## (G.E. - 03)

Time : 3 Hrs. ODIA Full Marks : 80

୧ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ବିଶିଷ୍ଟ ।
(ସମସ୍ତ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ ।)

କ. ପାଣ୍ଡବମାନଙ୍କୁ କିଏ ଚୂତ ଫଳ ବୀଜ ପ୍ରଦାନ କରିଥିଲେ ।

ଖ. ଗୌରମୋକ୍ଷ କାହାର ପୁତ୍ର ?

ଗ. ସାରଳା ଦାସଙ୍କ ଓଡ଼ିଆ ମହାଭାରତ କେତେଗୋଟି ପର୍ବରେ ଲିଖିତ ?

ଘ. ରାଜର୍ଷି ଶାନ୍ତନୁ କାହାର ପୁତ୍ର ଥିଲେ ? ତାଙ୍କ ମାତାଙ୍କ ନାମ କ'ଣ ?

ଙ. ତୁଳସୀ ବଣ ବାଘ ପରି ଧୃତରାଷ୍ଟ୍ରଙ୍କ ମୁହଁ କିପରି ?

ଚ. ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କିଏ ? କେଉଁରାଜାଙ୍କ ସମୟରେ ସେ ଜୀବିତ ଥିଲେ ?

ଛ. ବଉଳା ଗାଈ କାହାର ଗାଈ ରୂପେ ବର୍ଣ୍ଣିତ ।

ଜ. ଚବିଶ ଗୁରୁ ମଧରେ ପିଙ୍ଗଳା କିଏ ?

ଝ. ମୃଗୁଣୀ ସ୍ତୁତି କାହାର ରଚନା ?

ଞ. କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଶ୍ରେଷ୍ଠ କାବ୍ୟଗ୍ରନ୍ଥର ନାମ କ'ଣ ?

ଟ. କେଉଁ କବିଙ୍କୁ କବି-କଳହଂସ କୁହାଯାଏ ?

ଠ. ଫକୀର ମୋହନଙ୍କ ଜନ୍ମ ଓ ମୃତ୍ୟୁର ସମୟ କେବେ ?

୨. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ବିଶିଷ୍ଟ ।
(ଯେକୌଣସି ୮ଟି ପ୍ରଶ୍ନର ଉତ୍ତର (୨ଟି ବା ୩ଟି ବାକ୍ୟରେ ଲେଖ)

କ. 'ଅସକନ୍ଦ ବନ'ର ଅଭିଶାପ କ'ଣ ଥିଲା ?

ଖ. 'ତୁଳସୀ ବଣ ବାଘ' ପ୍ରସଙ୍ଗକୁ କେଉଁ କବି କେଉଁ ପର୍ବରେ ବର୍ଣ୍ଣନା କରିଛନ୍ତି ?

ଗ. ଗଙ୍ଗାଙ୍କର ପିତାଙ୍କ ନାମ କ'ଣ ? ଗଙ୍ଗା କାହାକୁ ବିବାହ କରିବାକୁ ଚାହିଁଛନ୍ତି ?

ଘ. ଶ୍ରୀଚୈତନ୍ୟ କିଏ ? କେବେ ଓ କେଉଁଠାରୁ ସେ ଓଡ଼ିଶାକୁ ଆସିଥିଲେ ?

ଙ. ବଳରାମ ଦାସଙ୍କ ୩ଟି ତତ୍ତ୍ୱମୂଳକ ଗ୍ରନ୍ଥର ନାମ ଲେଖ ?

ଚ. ଯଶୋବନ୍ତ ଦାସଙ୍କ ଶ୍ରେଷ୍ଠ ଗ୍ରନ୍ଥଟିର ନାମ କ'ଣ ? ଏଥିରେ କେଉଁ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ?

ଛ. ରାଧାନାଥଙ୍କ ରଚିତ 'ଚିଲିକା' କେଉଁ ପ୍ରକାର କାବ୍ୟ ?

ଜ. ମୃଗୁଣୀ ସ୍ତୁତିରେ କେଉଁ ଭାବ ବର୍ଣ୍ଣିତ ?
ଝ. ମଧ୍ୟଯୁଗୀୟ କବିମାନଙ୍କ ଭାଷା ରୀତି କିପରି ଥିଲା ?
ଞ. ଅବଧୂତ କାହିଁକି ବେଶ୍ୟା ପିଙ୍ଗଳାକୁ ଗୁରୁ କଲେ ?

୩. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ବିଶିଷ୍ଟ ।
ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୭୫ରୁ ୧୦୦ ଶବ୍ଦ ମଧରେ ଲେଖ ।

କ. ଦ୍ରୌପଦୀ ଗୋବିନ୍ଦଙ୍କ ପାଖରେ କିପରି ସତ୍ୟବାଣୀ ଶୁଣାଉଥିଲେ ।
ଖ. ଅର୍ଜୁନ ସତ୍ୟବଚନରେ କ'ଣ ପ୍ରକାଶ କରିଥିଲେ ?
ଗ. ବାଘ ମର୍କଟକୁ କ'ଣ ବୁଝାଇଲା ?
ଘ. ଗଙ୍ଗା ଶାନ୍ତନୁଙ୍କୁ ବିବାହ କଲାପରେ କ'ଣ ସର୍ତ୍ତ ରଖିଥିଲେ ?
ଙ. ଜ୍ଞାନମିଶା ଭକ୍ତିଧର୍ମ କ'ଣ ?
ଚ. କୁବେର ସାହୁ କିପରି ଗୋହତ୍ୟା ଦୋଷରୁ ମୁକ୍ତ ହେଲା ?
ଛ. ଚବିଶ ଗୁରୁ କିଏ କିଏ ?
ଜ. 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କାହାର ରଚନା ? ଏଥିରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?
ଝ. ଉପେନ୍ଦ୍ର ଭଞ୍ଜଙ୍କ ପାଞ୍ଚଗୋଟି ପୌରାଣିକ କାବ୍ୟର ନାମ ଲେଖ ?
ଞ. ଗଙ୍ଗାଧର ମେହେରଙ୍କୁ କେଉଁ କବି କୁହାଯାଏ ? ସେ କେଉଁ ମସିହାରେ କେଉଁଠି ଜନ୍ମଗ୍ରହଣ କରିଥିଲେ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭ ନମ୍ବର ବିଶଷ୍ଟ ।
(ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ୫୦୦ ଶବ୍ଦ ମଧ୍ୟରେ ଲେଖ ?)

କ. ସତ୍ୟ ଆମ୍ବ ପ୍ରସଙ୍ଗକୁ ଭିତ୍ତିକରି କବି ସାରଳାଦାସଙ୍କ ବର୍ଣ୍ଣନା ଚାତୁର୍ଯ୍ୟର ମହତ୍ୱ ପ୍ରତିପାଦନ କର ।
ଖ. 'ଗଙ୍ଗା ବୋଇଲେ ଥିବି, ଗାଙ୍ଗୀ ବୋଇଲେ ଯଦିବ' - ନାମକରଣର ସାର୍ଥକତା ଦର୍ଶାଅ ।
ଗ. 'ତୁଳସୀ ବଣ ବା ତା ପ୍ରସଙ୍ଗ କ'ଣ ? ଏହାର କାହାଣୀ ଉଲ୍ଲେଖ କର ।
ଘ. ପଞ୍ଚସଖା ଯୁଗୀୟ ସାଂସ୍କୃତିକ ଓ ସାହିତ୍ୟିକ ପୃଷ୍ଠଭୂମିକୁ ଆଲୋଚନା କର ।
ଙ. ବଳରାମ ଦାସଙ୍କ ଜନ୍ମଜାତକ ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।
ଚ. "ବିଦଗ୍ଧ ମାଧବ'ର ଅନୁସରଣରେ 'ବିଦଗ୍ଧଚିନ୍ତାମଣି' କାବ୍ୟ ରଚିତ - ଆଲୋଚନା କର ।
ଛ. ଗାଳ୍ପିକ ଫକୀର ମୋହନ ସେନାପତିଙ୍କର ପରିଚୟ ପ୍ରଦାନ କର ।
ଜ. ଗଙ୍ଗାଧର ମେହେରଙ୍କ ଜୀବନୀ ଓ କୃତି ସଂପର୍କରେ ଆଲୋଚନା କର ।

***

ଞ) ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୃଷ୍ଟିକୋଣରୁ ଭାଷଣର ରୂପରେଖ ସଂପର୍କରେ ଆଲୋକପାତ କର ?

ଟ) ଭାଷଣର ବିବିଧ ଦିଗ ସଂପର୍କରେ ଆଲୋଚନା କର ।

ଠ) ଭାଷଣର ପ୍ରକାର ଭେଦ ଦର୍ଶାଅ ?

ଡ) ଭାଷଣ ପ୍ରସ୍ତୁତି କିପରି କରାଯାଏ ?

ଢ) ଓଡ଼ିଆ ସୁଭାଷଣ ଓ ଅପଭାଷଣ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ?

ଣ) ବିଭିନ୍ନ ପ୍ରକାରର ପ୍ରବଚନ ସଦୃଷ୍ଟାନ୍ତ ଆଲୋଚନା କର ?

ତ) ଭାଷା ଓ ଭାଷଣରେ ସାହିତ୍ୟିକଙ୍କ ଭୂମିକା ନିର୍ଣ୍ଣୟ କର ?

ଥ) ସମ୍ବାଦର ସଂଜ୍ଞା ନିର୍ଣ୍ଣୟ କରି ଏହାର ସ୍ୱରୂପ ଓ ଉପାଦାନ ଗୁଡ଼ିକ ସଂପର୍କରେ ଆଲୋଚନା କର ।

ଦ) ସମ୍ବାଦର ପ୍ରକାରଭେଦ ଅନୁଶୀଳନ କର ?

ଧ) ସମ୍ବାଦର ଲିଖନ ଶୈଳୀ ସଂପର୍କରେ ଆଲୋକପାତ କର ?

ନ) ଗଣମାଧ୍ୟମର ପ୍ରକାରଭେଦ ସଦୃଷ୍ଟାନ୍ତ ବୁଝାଅ ?

ପ) ସମ୍ବାଦର ଗୁଣାତ୍ମକ ମାନ ବିଷୟରେ ଆଲୋଚନା କର ?

ଫ) ଶିରୋନାମା ପ୍ରସ୍ତୁତିରେ କେଉଁ ପ୍ରକାର କୌଶଳ ଅବଲମ୍ବନ କରିବା ଦରକାର ?

ବ) ଅଶୁଦ୍ଧି କେତେ ପ୍ରକାରର ରହିଛି ଆଲୋଚନା କର ?

ଭ) ବନାନଗତ ଅଶୁଦ୍ଧି ସଂପର୍କରେ ଆଲୋଚନା କର ?

ମ) ପ୍ରତ୍ୟୟଗତ ଅଶୁଦ୍ଧି ସଂପର୍କରେ ଆଲୋଚନା କର ?

ଯ) ସମାର୍ଥବୋଧକ ଶବ୍ଦାଶୁଦ୍ଧି କାହାକୁ କୁହାଯାଏ – ଆଲୋଚନା କର ?

ର) ଗୋଟିଏ ଶୁଦ୍ଧ ବାକ୍ୟରେ କ'ଣ କ'ଣ ରହିବା ଆବଶ୍ୟକ ଆଲୋଚନା କର ?

***